# ଜିଲ୍ଲା କାର୍ଯ୍ୟାଳୟ,ଭଦ୍ରକ

## (ଭୂ-ଅର୍ଜନ ବିଭାଗ)

## ବିଜ୍ଞାପନ

ସଂଖ୍ୟା...5359...../ଭୂ.ଅ. ତା. 27/08/19

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୭(୧) ଅନୁଯାୟୀ **ଗମେଇ ନଦୀ ପୁନୋରୁଦ୍ଧାର** ପ୍ରକଳ୍ପ ଭଦ୍ରକ ଜିଲ୍ଲା ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାଙ୍କନ ନିମିତ ଗଠିତ ସ୍ୱତନ୍ତ୍ର ବହୁ ଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀ ର ତା.୩୧.୦୭.୧୯ ରିଖ ଦିବା ଅପରାହ୍ନ ଘ ୩.୦୦ ଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ,ଭଦ୍ରକଙ୍କ ଅଧକ୍ଷତାରେ ହୋଇଥିବା ଆଲୋଚନା ସଭା (ଅତିରିକ୍ତ ଜିଲ୍ଲାପାଳ,ଭଦ୍ରକ ଙ୍କ ସଭାଗୃହ ରେ ଅନୁଷ୍ଠିତ ହୋଇଥିବା) ବୈଠକର ବିବରଣୀ ଓ ସୁପାରିସ ସମ୍ପର୍କୀୟ ବିଜ୍ଞାପନ ଉପରୋକ୍ତ ଆଇନ ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଂଲଗ୍ନ କରାଯାଇ ପ୍ରକାଶ କରାଗଲା। ଏହି ବିଜ୍ଞପ୍ତି ଓଡିଶା ରାଜ୍ୟ ସରକାର ଏବଂ ଭଦ୍ରକ ଜିଲ୍ଲାପାଳ ଙ୍କ ୱେବସାଇଟ ରେ ଉପଲବ୍ଧ ହେବ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଭଦ୍ରକ

ଜ୍ଞାପକ ସଂଖ୍ୟା...5360........../ଭୂ.ଅ. ତା. 27/08/19

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ –ତଥା ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଭଦ୍ରକ

ଜ୍ଞାପକ ସଂଖ୍ୟା ...5361...../ଭୂ.ଅ. ତା. 27/08/19

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ଭଦ୍ରକ/ତହସିଲଦାର,ବାସୁଦେବପୁର ଙ୍କୁ ପ୍ରଦାନ କରାଗଲା ଏବଂ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ କୁ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ସର୍ବସାଧାରଣ ଅବଗତି ନିମନ୍ତେ ଛାପିବା ହେବେ। ଭୂ-ଅର୍ଜନ ଅଧିକାରୀ, ଭଦ୍ରକ ଙ୍କୁ ବିଜ୍ଞାପନ ର ଏକକିତା ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ର ଗୋଟିଏ ଗୋଟିଏ ନକଲ ଅଡୁଆଁ, ବରଣ୍ଡୁଆ, ବରଣ୍ଡୁଆ-ସାମିଲ-ସୁଆଁ, ଚୂଡାମଣି, ଗୁଆଗାଁ, ରତାଙ୍ଗ,ସୁଆଁ ଏବଂ ସୁଦର୍ଶନପୁର ମୌଜାମାନଙ୍କରେ ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରାଇବେ।

ଅତିରିକ୍ତ ଜିଲ୍ଲାପାଳ –ତଥା ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଭଦ୍ରକ

(କ୍ରମଶଃ---)

ଜ୍ଞାପକ ସଂଖ୍ୟା ....5362......../ଭୂ.ଅ. ତା.27/08/19..

ଏହାର ଏକକିତା ନକଲ ସରପଞ୍ଚ, ଅଡୁଆଁ, ବରଣ୍ଡୁଆ, ଚୂଡାମଣି, ସୁଦର୍ଶନପୁର ଗ୍ରାମ ପଞ୍ଚାୟତ ଏବଂ ପୌରପରିଷଦ, ବାସୁଦେବପୁର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ –ତଥା ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଭଦ୍ରକ

ଜ୍ଞାପକ ସଂଖ୍ୟା ....5363....../ଭୂ.ଅ. ତା.27/08/19.

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ/ ଜଳ ସମ୍ପଦ ବିଭାଗ, ଓଡିଶା, ଭୁବନେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବସାଇଟ୍ ରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ –ତଥା ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଭଦ୍ରକ

ଜ୍ଞାପକ ସଂଖ୍ୟା ....5364..../ଭୂ.ଅ. ତା.27/08/19

ଏହାର ଏକକିତା ନକଲ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଙ୍କ କାର୍ଯ୍ୟାଳୟ, କଟକ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ –ତଥା ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଭଦ୍ରକ

ଜ୍ଞାପକ ସଂଖ୍ୟା ....5365..../ଭୂ.ଅ. ତା.27/08/19

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭଦ୍ରକ ଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, ଭଦ୍ରକ ଙ୍କ ୱେବସାଇଟ୍ ରେ ତୁରନ୍ତ ପ୍ରକାଶନ କରିବା ହେବେ ।

ଏହାର ଏକକିତା ନକଲ କାର୍ଯ୍ୟାଳୟ ସୁପରିନଟେଣ୍ଡେଣ୍ଟ, କଲେକ୍ଟୋରେଟ,ଭଦ୍ରକ ଙ୍କୁ ପ୍ରେରଣ କରାଯାଇ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ନୋଟିସ୍ ବୋର୍ଡ ରେ ଛାପିବା ନିମନ୍ତେ ନିର୍ଦ୍ଦେଶ ଦିଆଗଲା।

ଅତିରିକ୍ତ ଜିଲ୍ଲାପାଳ –ତଥା ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଭଦ୍ରକ

## ଗମେଇ ନଦୀ ପୁନୋରୁଦ୍ଧାର ନିମନ୍ତେ
## ତା-୩୧.୦୭.୧୯ରିଖ ଦିବା ଅପରାହ୍ନ ଘ ୩.୦୦ଟିକା ସମୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ମୂଲ୍ୟାଙ୍କନ ବିବରଣୀ ।

ଗମେଇ ନଦୀ ପୁନୋରୁଦ୍ଧାର ନିମନ୍ତେ ବାସୁଦେବପୁର ତହସିଲ ଅଧିନସ୍ଥ ୦୮ ଗୋଟି ରାଜସ୍ୱ ଗ୍ରାମରେ ମୋଟ ଏ ୭୩.୯୧କର ଜମି ଅଧିଗ୍ରହଣ ହେବାକୁ ଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାଙ୍କନ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୭(୧) ଅନୁଯାୟୀ ସରକାରଙ୍କ ନିକଟକୁ ଏକ ସୁପାରିସ ପତ୍ର ପ୍ରଦାନ କରାଯିବ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ,ଭଦ୍ରକ ଙ୍କ ଅଧକ୍ଷତା ରେ ଏକ୍ସପର୍ଟ ଗୃପ (ବିଶେଷଜ୍ଞ କମିଟି) ସଦସ୍ୟ ମାନେ ତା-୩୧.୦୭.୧୯ ରିଖ ଦିବା ଅପରାହ୍ନ ଘ ୩.୦୦ ଟିକା ସମୟରେ ଏକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳଙ୍କ ସଭାଗୃହ ରେ ଅନୁଷ୍ଠିତ ହୋଇଥିଲା। ଗମେଇ ନଦୀ ପୁନୋରୁଦ୍ଧାର ନିମନ୍ତେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି। ଏଥି ନିମନ୍ତେ ଜିଲ୍ଲାରେ ଆବଶ୍ୟକ ହେବାକୁ ଥିବା ଭୂମି ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ହୋଇଥିବା ଅଧିନିୟମ 2013 ଏବଂ ଓଡିଶା ସରକାରଙ୍କ ଅଧିନିୟମ ନିୟମାବଳୀ 2016 ର rule ୧୫ ଅନୁଯାୟୀ ମୋଟ ୦୮(ଆଠ) ଗୋଟି ଗ୍ରାମ ପ୍ରଭାବିତ ହେଉଥିବାରୁ ଏହାର ସାମାଜିକ ଅର୍ଥନୈତିକ ବୈଷୟିକ ଦିଗପ୍ରତି ଦୃଷ୍ଟି ଦେଇ ବିଶେଷ ବିବରଣୀ ପ୍ରସ୍ତୁତ କରାଯାଇ ଆଲୋଚନା କ୍ରମେ ସାମାଜିକ ଅଧ୍ୟୟନ ତଥା ସର୍ବେକ୍ଷଣ ନିଷ୍କର୍ସ ଉପସ୍ଥାପନ ହୋଇଥିଲା।

ସର୍ବପ୍ରଥମେ ଅଂଶଗ୍ରହଣ କରିଥିବା ସଦସ୍ୟ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ ସ୍ୱାଗତ କରିଥିଲେ। ପ୍ରସ୍ତାବିତ ଗମେଇ ନଦୀ ପୁନୋରୁଦ୍ଧାର ପ୍ରକଳ୍ପ ସମ୍ପର୍କିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଉପରେ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଶେଷଜ୍ଞ ତଥା ସଦସ୍ୟ ମାନଙ୍କଠାରୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ମତାମତ ଲୋଡିଥିଲେ। ବୈଠକରେ ଉପସ୍ଥିତ ଥିବା ଜନ ପ୍ରତିନିଧି ମାନେ ଗମେଇ ନଦୀ ପୁନୋରୁଦ୍ଧାର ସମ୍ପର୍କିତ ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ। ଏ ବିଷୟରେ ସବିଶେଷ ଆଲୋଚନା କରାଯାଇ ଏକ୍ସପର୍ଟ ଗୃପ ର ସାମାଜିକ ବିଶେଷଜ୍ଞ ଙ୍କ ପରାମର୍ଶ କ୍ରମେ ଜମି ର କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ପଦକ୍ଷେପ କୁ ପ୍ରାଧାନ୍ୟ ଦେବାକଥା କହିଥିଲେ। ଗମେଇ ନଦୀ ପୁନୋରୁଦ୍ଧାର କାର୍ଯ୍ୟରେ କ୍ଷତିଗ୍ରସ୍ତ ହୋଇଥିବା ବୃକ୍ଷର ସ୍ଥାନ ପରିପୂରଣ କରିବା ନିମନ୍ତେ ଆବଶ୍ୟକୀୟ ବୃକ୍ଷ ରୋପଣ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ,ଡ୍ରେନେଜ ବିଭାଗ,ଭଦ୍ରକ ଙ୍କ ମାଧ୍ୟମରେ ବନ ଉପଖଣ୍ଡ ଅଧିକାରୀ(ବନ୍ୟ ଜୀବନ), ଚାନ୍ଦବାଲି ଙ୍କୁ ଅନୁରୋଧ କରାଯିବା ସମ୍ପର୍କରେ ଗୁରୁତ୍ୱାରୋପ କରଯାଇଥିଲା। ପୁନଶ୍ଚ ନଦୀ ର ଗତିପଥ ରେ ବାଙ୍କ ସ୍ଥାନ ମାନଙ୍କରେ ପଥର ପ୍ୟାକିଙ୍ଗ ଏବଂ ସ୍ଥାନେ ସ୍ଥାନେ ଫୁଟ ବ୍ରିଜ (ଆପ୍ରୋଚ ରୋଡ କୁ ସଂଯୁକ୍ତ କରୁଥିବା)ର ଆବଶ୍ୟକତା ରହିଛି। ନନ୍ଦପୁର ଠାରେ ଅବସ୍ଥିତ ସ୍ଲୁଇସ ଗେଟ ର ମରାମତି ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ,ଡ୍ରେନେଜ ବିଭାଗ,ଭଦ୍ରକ ଙ୍କୁ ପ୍ରସ୍ତାବ ଦିଆଯିବା ସମ୍ପର୍କରେ ଆଲୋଚନା କରାଗଲା। ।

ଚାଷ ଜମିରୁ ନଦୀକୁ ବଳକା ଜଳ ନିଷ୍କାସନ ଏବଂ ନଦୀ କୂଳବନ୍ଧ ସମତଳ କରିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବାନିମନ୍ତେ ଆଲୋଚନା ହେଲା। ନଦୀ ନିକଟସ୍ଥ ପ୍ରାକୃତିକ ନାଳ ଗୁଡିକର ପୁନୋରୁଦ୍ଧାର କରିବା ନିମନ୍ତେ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଗଲା। ଉପରୋକ୍ତ ୮(ଆଠ) ଗୋଟି ଗ୍ରାମରେ ଗୋଚର ଜମି ପ୍ରତିବଦଳ ହୋଇଥିବାରୁ ଉକ୍ତଜମି ଗୁଡିକ ନିର୍ଦ୍ଦିଷ୍ଟ ଗୋଚର ଉଦ୍ଦେଶ୍ୟରେ ବ୍ୟବହୃତ ନିମନ୍ତେ ପଦକ୍ଷେପ ନେବାକୁ ସମ୍ପୃକ୍ତ ତହସିଲଦାର ଙ୍କୁ ଅନୁରୋଧ କରାଯିବା ସମ୍ପର୍କରେ ଆଲୋକପାତ କରାଗଲା।

ଉପସ୍ଥାପନା କରାଯାଇଥିବା ବିଭିନ୍ନ ସମସ୍ୟା ଗୁଡିକ ସମ୍ବନ୍ଧରେ ଏକ୍ସପର୍ଟ ଗୃପ ର ସଦସ୍ୟ ମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ସମସ୍ୟାର ସମାଧାନ କରିବା ପାଇଁ ସଭାରେ ଉପସ୍ଥିତ ଥିବା ଡ୍ରେନେଜ ବିଭାଗ ର କର୍ତ୍ତୃପକ୍ଷ ଙ୍କୁ ପରାମର୍ଶ ଦେଇଥିଲେ ଏବଂ ଉକ୍ତ ସଭାରେ ଥିବା ଡ୍ରେନେଜ ବିଭାଗ ର କର୍ତ୍ତୃପକ୍ଷ ନିମ୍ନ ପ୍ରସ୍ତାବ ଗୁଡିକର ଗୁରୁତର ସହିତ ଧ୍ୟାନଦେଇ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଲେ।

ଉପରୋକ୍ତ ଆଲୋଚନାର ସର୍ବଶେଷରେ ଏକ୍ସପର୍ଟ ଗୃପ ର ସଦସ୍ୟ ମାନେ ଉପନୀତ ହେଲେ ଯେ ଗମେଇ ନଦୀ ପୁନୋରୁଦ୍ଧାର ପ୍ରକଳ୍ପରେ ସାମୁହିକ ଉନ୍ନତି ସାଧିତ ହେବା ସଙ୍ଗେ ସଙ୍ଗେ ଏବଂ ଉକ୍ତ ପ୍ରକଳ୍ପ ଦ୍ୱାରା ଲୋକଙ୍କ ଜୀବନ ଯାପନ ଉପରେ ବହୁ ପରିମାଣରେ ଅନୁକୂଳ ପ୍ରଭାବ ପରିଲକ୍ଷିତ ହେବ। ଯଥା :-

୧. ବନ୍ୟାଦାଉରୁ ରକ୍ଷାପାଇବା,

୨. ଜଳସେଚନରେ ସୁବିଧା,

୩. ଜଳ ନିଷ୍କାସନ ରେ ସୁବିଧା ଇତ୍ୟାଦି କାର୍ଯ୍ୟ ସମାପିତ ହୋଇପାରୁଛି।

ମୋଟ ଉପରେ କହିବାକୁ ଗଲେ ଗମେଇ ନଦୀ ପୁନୋରୁଦ୍ଧାର ପ୍ରକଳ୍ପ ଟି ସାମୁହିକ ଉନ୍ନତି ପାଇଁ ହୋଇଛି ଏବଂ ପ୍ରକଳ୍ପ କାର୍ଯ୍ୟ ଅଚିରେ ସମାପନ ନିମନ୍ତେ ସହମତି ପ୍ରକାଶ କଲେ।

ସର୍ବଶେଷରେ ଅଧକ୍ଷ୍ୟ ତଥା ଅତିରିକ୍ତ ଜିଲ୍ଲାପାଳ ଏବଂ ଉପସ୍ଥିତ ଥିବା ସଦସ୍ୟ/ପ୍ରତିନିଧି ମାନଙ୍କୁ ଧନ୍ୟବାଦ ଦେବା ସହିତ ସଭାସାଙ୍ଗ କରଯାଇଥିଲା।

ଅତିରିକ୍ତ ଜିଲ୍ଲାପାଳ,ଭଦ୍ରକ